## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଟାଙ୍ଗିଆରେ ହାଣି ହତ୍ୟା

**କାମାକ୍ଷାନଗର, ୨୧।୩ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡ଼ସୁଆଲୋ ପଞ୍ଚାୟତ କନ୍ଧବୋଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାରୁ ଏକ ହତ୍ୟାକାଣ୍ଡ ଘଟିଛି। କନ୍ଧବୋଲ ଗ୍ରାମର ଗଙ୍ଗାଧର ପଧାନଙ୍କ ଟାଙ୍ଗିଆ ଚୋଟରେ ବିମ୍ବା ନାଏକ (୫୨)ଙ୍କ ମୃତ୍ୟୁ ହୋଇଛି।

ପ୍ରକାଶ ଯେ, ବିମ୍ବା ଦିନ ମଜୁରିଆ ଭାବେ କାମ କରନ୍ତି। ସନ୍ଧ୍ୟାରେ ସେ କୂଅ ଖୋଳା କାମସାରି ଗ୍ରାମକୁ ଆସୁଥିବାବେଳେ ସେହି ଗ୍ରାମର ଗଙ୍ଗାଧରଙ୍କ ସହ ଭେଟ ହୋଇଥିଲା। ଏକ ବିବାହ ପ୍ରସ୍ତାବ ନେଇ ପୂର୍ବରୁ ବିମ୍ବା ଓ ଗଙ୍ଗାଧରଙ୍କ ମଧ୍ୟରେ ଶତ୍ରୁତା ଥିଲା। ଫଳରେ ଗଙ୍ଗାଧରଙ୍କୁ ଦେଖି ବିମ୍ବା ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗଙ୍ଗାଧର ଧରିଥିବା ଟାଙ୍ଗିଆରେ ବିମ୍ବାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବିମ୍ବାଙ୍କୁ ପରିବାର ଲୋକେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରା ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

### ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର ଘଟଣା: ୨ ଗିରଫ

ପାଟଣା, ୨୧।୩ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଟାଙ୍ଗରପଡ଼ା ପଞ୍ଚାୟତ ଗାଲଫୁଲା ଉପର ସାହିର ମହୋନ ନାଏକଙ୍କ ପୁଅ କୁଶ (୪୮) ଗୁରୁବାର ସନ୍ଧ୍ୟାରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲେ। ତାଙ୍କୁ ବାଉଁଶରେ ପିଟି ଲହୁ ଲୁହାଣ ଅଭିଯୋଗରେ ଶୁକ୍ରବାର ତୁରୁମୁଙ୍ଗା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ତୁରୁମୁଙ୍ଗା ଥାନା ଡେଣ୍ଡୁଆର ରାଜା କମାର (୧୯) ଓ ଯାଜପୁର ଜିଲା ସୁକିନ୍ଦା ଥାନା ହୁଡ଼ି ସାହିର ମନୋଜ ମହାନ୍ତ (୨୪)। ରାଜା ଓ ମନୋଜ ସମ୍ପର୍କରେ ଶଳା ଭିଣୋଇ। ସୂଚନା ଅନୁଯାୟୀ, କୁଶଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁରୁମୁଙ୍ଗା ପୋଲିସ ରାଜା କମାରଙ୍କ ଘର ଅଗଣାରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ରାଜାଙ୍କ ମା' ଘରେ ଏକୁଟିଆ ଥିବା ବେଳେ କୁଶ ମନ୍ଦ ଉଦ୍ଦେଶ୍ୟ ରଖି ଘରେ ପଶିବାରୁ ଅଭିଯୁକ୍ତ ଠେଙ୍ଗାରେ କୁଶଙ୍କୁ ମାଡ଼ ମାରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଏକ ମାମଲା (ନଂ. ୫୯/୨୫) ରୁଜୁ ହୋଇଛି।

### ପୁସ୍ତକ 'ସମର୍ପଣ' ଲୋକାର୍ପିତ

ପାଟଣା, ୨୧।୩ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରେ ଗୁରୁବାର ରାତିରେ କବିୟତ୍ରୀ ନକ୍ଷେତ୍ରମାଳା ମିଶ୍ରଙ୍କ ପୁସ୍ତକ 'ସମର୍ପଣ' ଉନ୍ମୋଚିତ ହୋଇଛି। ସମର୍ପଣ କବିତା ସଙ୍କଳନରେ ୩୮ରୁ ଊର୍ଦ୍ଧ୍ୱ ଜଗନ୍ନାଥ ଭଜନ, ଜଣାଣ, ତାରିଣୀ ସ୍ତୁତି, ଶିବ ଓ ଗଣେଷ ବନ୍ଦନା ଆଦି ସନ୍ନିବେଶିତ ହୋଇଛି। ଲୋକାର୍ପଣ ଉତ୍ସବରେ କବି ଅଭିମନ୍ୟୁ ଅଣ୍ଡିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା କବି କଳ୍ପତରୁ କର, ସମ୍ମାନିତ ଅତିଥିଭାବେ କବୟିତ୍ରୀ କନକଲତା ମିଶ୍ର, ଶିକ୍ଷୟିତ୍ରୀ ଆଖୋଜି ସାହୁ, ବୈଜ୍ଞାନିକ ଅକ୍ଷୟ ମିଶ୍ର, ଜ୍ୟୋତ୍ସ୍ନା ତ୍ରିପାଠୀ, ସାମାଜିକକର୍ମୀ ଆରତୀ ମିଶ୍ର, ସ୍ୱର୍ଣ୍ଣଲତା ମିଶ୍ର, ପଣ୍ଡିତ ଶରତ ତ୍ରିପାଠୀ, ଆଦିତ୍ୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦୁଝରରେ କାଳବୈଶାଖୀ ତାଣ୍ଡବ

# ଦୋକାନରେ ପଶିଲା ଡ୍ରେନ୍ ପାଣି

**ଚମ୍ପୁଆ, ୨୧।୩ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରାୟ ୪୫ ମିନିଟ୍ ଧରି ପବନ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ବର୍ଷା ପ୍ରଭାବରେ ବିଭିନ୍ନ ଚାଷ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଅପରାହ୍ନ ୩ଟା ୩୦ରେ କାଳବୈଶାଖୀର ତାଣ୍ଡବ ଆରମ୍ଭ ହୋଇଥିଲା। ପ୍ରବଳ ବେଗରେ



ଡ୍ରେନ୍ ଉଚ୍ଛୁଳି ମଇଳା ପାଣି ଦୋକାନରେ ପଶିଛି।

ପବନ ବହିବା ସହିତ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ବର୍ଷା ଫଳରେ ବସ୍‌ଷ୍ଟାଣ୍ଡ ନିକଟବର୍ତ୍ତୀ ଦୋକାନ ଗୃହଗୁଡ଼ିକରେ ଡ୍ରେନ୍‌ର ଆବର୍ଜନା ସହିତ ଡ୍ରେନ ପାଣି ପଶିଯାଇଥିଲା। ଫଳରେ ଦୋକାନୀ ନାନା ହିନସ୍ତାର ସମ୍ମୁଖୀନ ହେବା ସହିତ ଜେସିବି ମେଶିନ ଦ୍ୱାରା ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା। ସେହିପରି କୁଆପଥର ମାଡ଼ ଯୋଗୁ ଗଛଗୁଡ଼ିକରେ ପତ୍ର ଝଡ଼ି ଯାଇଥିବା ବେଳେ ବିଶେଷ ଭାବରେ ଆମ୍ବ ଓ ସୂର୍ଯ୍ୟ ମୁଖୀ ଚାଷ ପ୍ରଭାବିତ ହୋଇଛି। ଏପରିକି ତଳ ଅଞ୍ଚଳଗୁଡ଼ିକରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଥିଲା।



ଆମ୍ବ ଗଛ ଉପୁଡ଼ି ରାସ୍ତାରେ ପଡ଼ିଛି।

### ଉପୁଡ଼ିଲା ବିରାଟକାୟ ଆମ୍ବଗଛ

ଢେଙ୍କିକୋଟ, ୨୧।୩ (ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟରେ ଶୁକ୍ରବାର ସନ୍ଧ୍ୟା ୭ଟାରେ କାଳବୈଶାଖୀ ବର୍ଷା ସାଙ୍ଗକୁ ପବନ ହୋଇଛି। ପବନ ପ୍ରଭାବରେ ଢେଙ୍କିକୋଟ ବଜାର ପୋଷ୍ଟ ଅଫିସ ସମ୍ମୁଖରେ ଥିବା ଶତାୟୁ ଆମ୍ବଗଛ ଉପୁଡି ପଡିଛି। ଗଛ ଉପୁଡି ପଡିଥିଲେ ମଧ୍ୟ କାହାର କିଛି କ୍ଷତି ହୋଇନାହିଁ। ଘଟଗାଁ ଦମକଳ ବାହିନୀ ପହଞ୍ଚି ଗଛ କାଟି ରାସ୍ତାକୁ ସଫା କରିଛି। ଗଛଟି ସମ୍ପୂର୍ଣ୍ଣ ରାସ୍ତା ଉପରେ ହାଟ ପଡ଼ିଆରେ ଉପୁଡି ପଡ଼ିଥିବା ବେଳେ ଆସନ୍ତାକାଲି ସପ୍ତାହିକ ହାଟ ଥିବାରୁ ବିଭିନ୍ନ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ।

### ଦୋକାନ ଛପର ଉଡ଼ିଲା

ଯୋଡ଼ା, ୨୧।୩ (ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ବର୍ଷା ହୋଇଛି। କାଳବୈଶାଖୀ ଯୋଗୁ ଝଡ଼ ତୋଫାନ, ବର୍ଷା ସହିତ କୁଆ ପଥର ମାଡ ଯୋଗୁ ଲୋକଙ୍କ ଦୋକାନ ଛପର ଭାଙ୍ଗି ଯିବା ସହିତ ବହୁ କ୍ଷୟକ୍ଷତି ହୋଇଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ୩୦ ମିନିଟରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ଯୋଡ଼ା ମାର୍କେଟ ୟୁନିୟନ ବ୍ୟାଙ୍କ ସମ୍ମୁଖରେ କାଳବୈଶାଖୀ ବର୍ଷାରେ ଦେବାଶିଷ ଦାସଙ୍କ ଦୋକାନ, ଅଶୋକ ସାହୁଙ୍କ ଠେଲା ଭାଙ୍ଗିଯାଇଛି। ଟାଟା ଷ୍ଟିଲ ମେଡ଼ିକାଲରେ ବର୍ଷା ପାଣି ପଶିଥିବା ବେଳେ ଯୋଡ଼ା ଏସ୍‌ଟି ଟେରେସା ବିଦ୍ୟାଳୟର ଭିତର ପାର୍ଶ୍ୱରେ ବିଭିନ୍ନ ସାମଗ୍ରୀ ଭାଙ୍ଗିଥିବା ଜଣାପଡ଼ିଛି।



ଦୋକାନ ଘର ଭାଙ୍ଗିଯାଇଛି।

## ଅମଲାପଡ଼ାରେ ଦୋଳପୂର୍ଣ୍ଣିମା ଉତ୍ସବ



ଅମଲାପଡ଼ାରେ ଦୋଳପୂର୍ଣ୍ଣିମା ଉତ୍ସବରେ ଗୋପାଳମାନେ।

**ଢେଙ୍କାନାଳ, ୨୧।୩ (ରତନ ନାୟାର)**

ଢେଙ୍କାନାଳ ସହର ଅମଲପଡ଼ାସ୍ଥିତ ରାଧାମାଧବ ମନ୍ଦିର ପରିସରରେ ଦୋଳପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସମସ୍ତ ଗୋପାଳ ଭାଇ ନୂତନ ବସ୍ତ୍ର ପରିଧାନ କରି ରାଧାମାଧବ ଜୀଉ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରିଥିଲେ। ପରେ ଘଣ୍ଟଘଣ୍ଟା, ବୀରକାହାଳୀରେ ସଜ୍ଜିତ ହୋଇ ପ୍ରତ୍ୟେକ ଘରେ ଅର୍ଘ୍ୟ ବନ୍ଦାପନା କରାଯାଇଥିଲା। ଏହାପରେ ପ୍ରସାଦ ସେବନ କରାଯାଇଥିଲା। ଏହି ଉତ୍ସବରେ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଭୂତିଆ, ଜୟକୃଷ୍ଣ ବେହେରା, ଘନଶ୍ୟାମ ବେହେରା, ଶ୍ରୀକାନ୍ତ ବେହେରା, ରଞ୍ଜନ ବେହେରା, ସାରଙ୍ଗଧର ଭୂତିଆ, ଅଜୟ କୁମାର ଭୂତିଆ, ନାରାୟଣ ବେହେରା, ରମେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୨୧।୩ (ରତନ ନାୟାର)**



ଢେଙ୍କନାଳ ଜିଲା ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷାମଣ୍ଡଳ ଅଧୀନ ଗୁଣ୍ଡିଚାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଦ୍ୱାରା 'ଆମ ସଂସ୍କୃତି ଓ ଆମ ପରମ୍ପରା' କାର୍ଯ୍ୟକ୍ରମ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲୋକକଳାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେଠୀ, ଶିପିକା ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସୁଜାତା ପ୍ରଧାନ ମୁଖ୍ୟ ଅତିଥି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ କୁମାର ନାୟକ ମୁଖ୍ୟବକ୍ତା ଓ ରଞ୍ଜନ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ଦାସ ଓ ଆମ୍ରପଲ୍ଲବୀ ରାଉତ ସମସ୍ତ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ପୁଷ୍ପଲତା ବ୍ରହ୍ମ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ସାମାଜିକ କର୍ମୀ ସ୍ୱଦେଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଂଘାଡ୍ରି ସଭାପତି, ମନୋରଞ୍ଜନ ସମ୍ପାଦକ ମନୋନୀତ



ଘରୋଇ ବସ୍ ମାଲିକ ସଂଘର ନବ ନିର୍ବାଚିତ ସଦସ୍ୟମାନେ।

**କେନ୍ଦୁଝର, ୨୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

**କେନ୍ଦୁଝର ଘରୋଇ ବସ୍ ଆସୋସିଏଶନ**

କେନ୍ଦୁଝର ଘରୋଇ ବସ୍ ଆସୋସିଏଶନର ନୂତନ କାର୍ଯ୍ୟକାରିଣୀ କମିଟି କର୍ମକର୍ତ୍ତା ଶୁକ୍ରବାର ସଂଘ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶପଥ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ନିର୍ବାଚନ ନ କରି ସର୍ବୋସମ୍ମତି ନିଷ୍ପତ୍ତି କରାଯାଇ ମନୋନୟନ କରାଯାଇଛି। ନୂତନ କାର୍ଯ୍ୟକାରିଣୀ କର୍ମକର୍ତ୍ତାରେ ସଭାପତି ଭାବେ ସିଂଘାଡ୍ରି ବିହାରୀ ସାହୁ, ଉପ ସଭାପତି ଭାବେ ତନୱିର ଆଲମ, ସମ୍ପାଦକଭାବେ ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ନିରୋଦ କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ବଳରାମ ମହାନ୍ତ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସେହିପରି ଉତ୍ତମ ବେହେରା, ଫିରୋଜ ସାହୁ, ଲୋକନାଥ ମହାନ୍ତ, ଦିବ୍ୟଜ୍ୟୋତି ନାୟକ, ଦିଲୀପ ବେହେରା, ସତ୍ୟରଞ୍ଜନ ସୋରେନ, ସୌମ୍ୟପ୍ରକାଶ ମିଶ୍ର, ସରୋଜ ବାଘେଲ ବାବୁ ମନୋନୀତ ହୋଇଛନ୍ତି। ବିଶେଷ କରି କିଭଳି ସୁରୁଖରରେ ଓ ଶାନ୍ତି ଶୃଙ୍ଖଳାର ସହ ପ୍ରଶାସନ ସହୋଯୋଗରେ ବସ ଚଳାଚଳ ହୋଇ ପାରିବ ଏବଂ ଯାତ୍ରୀମାନେ ସୁରକ୍ଷିତ ଯାତାୟାତ କରିବେ ତଥା ସାମାଜିକ କାର୍ଯ୍ୟ ସମ୍ପାଦିତ ହୋଇପାରିବ ସେ ଉପରେ ଗୁରୁତ୍ୱ ଦିଆଯିବ ବୋଲି ନବ ମନୋନୀତ ସମ୍ପାଦକ ମନରଞ୍ଜନ ସାହୁ କହିଛନ୍ତି।

## ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରେ ମହିଳା

**ଘସିପୁରା, ୨୧।୩ (ନିରଞ୍ଜନ ସାହୁ)**

ଖରା ଦିନ ଆରମ୍ଭ ହେଉ ହେଉ ପିଇବା ପାଣି ପାଇଁ ତହଳ ବିକଳ ହେଲେଣି ସାଧାରଣ ଲୋକେ। ପିଇବା ପାଣି ନ ପାଇ ଘସିପୁରା ବ୍ଲକ୍ ନାରଙ୍ଗପୁର ଗାଁର ଶତାଧିକ ମହିଳା ଗରା, ମାଠିଆ ଓ ବାଲ୍ଟି ଧରି ଦେଓଗାଁ-ରେମାଳ ରାସ୍ତାକୁ ଅବରୋଧ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗାଁରେ ପଞ୍ଚାୟତ ତରଫରୁ ନିର୍ମିତ ପମ୍ପ ହାଉସର ଅପରେଟର ଷ୍ଟ୍ରାଇକ୍‌ରେ ଥିବାରୁ ପମ୍ପ ଚଳାଯାଉନି। ଫଳରେ ଗ୍ରାମବାସୀ ପାଣି ମୁନ୍ଦେ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ଦିନ ଧରି ସମସ୍ୟା ସମାଧାନ ନ ହେବାରୁ ଲୋକମାନେ ରାସ୍ତାରୋକୋ କରିଥିବା କହିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଘସିପୁରା ବିଡିଓ ବିନିତା ବିଜୟିନୀ ଓ ତହସିଲଦାର ପହଞ୍ଚି ପମ୍ପ ହାଉସର ତାଲା ଭାଙ୍ଗି ସେମାନଙ୍କୁ ପାଣି ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ବଢୁଛି ମୋରମ ଚୋରାଚାଲାଣ

**ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)**



- ରାଜସ୍ୱ, ଜଙ୍ଗଲ ବିଭାଗ ନୀରବ
- କିଶୋରନଗର ଅଞ୍ଚଳରେ ଅସନ୍ତୋଷ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ମୋରମ ଚୋରା ଚାଲାଣ ବଢୁଥିବା ଅଭିଯୋଗ ହେଉଛି। ବିଶେଷକରି ରାତିରେ ବିଭିନ୍ନ ପାହାଡ଼କୁ କଟାଯାଇ ଟ୍ରକ୍ ଯୋଗେ ବାହାରକୁ ପଠାଯାଉଛି। ହଣ୍ଡପା ଥାନା ଅଧୀନରେ ଥିବା ବିଲେଇନାଳି, ଜାମୁଝରି, କଦଳୀମୁଣ୍ଡା, ଜାମୁନାଳୀ, ନୁନୁକାପଶି, କମରେଇ, ଗାଁବଇଣ୍ଡା, ବଣିନାଳୀ, ନାକିଚି ଅଞ୍ଚଳର ପାହାଡ଼ଗୁଡିକୁ ମାଫିଆମାନେ ଟାର୍ଗେଟ କରିଛନ୍ତି। କିଶୋରନଗର ବ୍ଲକ ଅଞ୍ଚଳରେ ଏବେ ବହୁ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ହେଉଥିବାରୁ ମୋରମର ଆବଶ୍ୟକତା ପଡୁଛି। ଏହାର ସୁଯୋଗ ନେଉଛନ୍ତି ଚୋରା ମୋରମ ମାଫିଆ ଓ ବିଭିନ୍ନ ଠିକାସଂସ୍ଥାର କର୍ମଚାରୀ। ସେମାନେ ଜଙ୍ଗଲ ଏବଂ ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି ବିଳମ୍ବିତ ରାତିରେ ବେଆଇନ ଭାବେ ଜେସିବି ମେଶିନ ସହାଯ୍ୟରେ ପାହାଡ଼ଗୁଡିକୁ କାଟି ମୋରମ, ମାଟି ଟିପ୍ପର, ହାଇୱା ମାଧ୍ୟମରେ ଚାଲାଣ କରୁଛନ୍ତି। ଏଥିସହ ପାହାଡ଼ରେ ଥିବା ଶାଗୁଆନ, ଶିଶୁ, ଶାଳ ଗଛ ମଧ୍ୟ କାଟି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାର ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ବଇଣ୍ଡା ରାଜସ୍ୱ ବିଭାଗ ଅଧୀନରେ ଥିବା ପାହାଡ଼ ଓ ସରକାରୀ ଜମିରୁ ବେଆଇନ ମୋରୋମ ଚାଲାଣ କରାଯାଉଥିବା ବେଳେ ୨୦୨୦-୨୦୨୧ ମସିହାରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ଲକ୍ଷ ୮୯ ହଜାର ୬୯୧ ଟଙ୍କା ଓ ୨୦୨୨ ମସିହାରେ ୫ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ପରେ ମଧ ମାଟି ମାଫିଆମାନେ ଦୈନିକ ଜେସିବି ସାହାଯ୍ୟରେ ପାହାଡ଼ ସହ ସରକାରୀ ଜମିରୁ ମୋରମ ତାଡ଼ି ଚାଲାଣ କରୁଥିଲେ ମଧ୍ୟ ବନ ବିଭାଗ କିମ୍ବା ରାଜସ୍ୱ ବିଭାଗ ପକ୍ଷରୁ ଠିକ ସମୟରେ ପଦେକ୍ଷେପ ନିଆଯାଉ ନ ଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଜାମୁନାଳି ପଞ୍ଚାୟତରେ ଥିବା ୫ଟି ପାହାଡ଼କୁ ଏକ ଠିକାସଂସ୍ଥା କାଟି ମୋରମ ଚାଲାଣ କରିଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବରଂ ରାଜସ୍ୱ ବିଭାଗର କେତେଜଣ କର୍ମଚାରୀ ମୋଟା ଅଙ୍କର ଅର୍ଥ ପାଇଥିବା ଜାମୁନାଳୀ ଗ୍ରାମବାସୀ କିଶୋରନଗର ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲେ ମଧ୍ୟ ମାଫିଆମାନଙ୍କ ଉପରେ ଏହା ସେପରି ପ୍ରଭାବ ପକାଇପାରି ନାହିଁ। ସେହିପରି କଦଳୀମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ କେତେଜଣ ଠିକାଦାର ବିଳମ୍ବିତ ରାତିରେ ମୋରମ ମାଟି ବଇଣ୍ଡା ତଥା ଆଖପାଖ ଅଞ୍ଚଳକୁ ଚାଲାଣ କରୁଥିବା ବଇଣ୍ଡା ଗ୍ରାମବାସୀ ବଇଣ୍ଡା ରାଜସ୍ୱ କାର୍ଯାଳୟଠାରେ ଅଭିଯୋଗ କରିଥିବା ବେଳେ କିଛି ପଦକ୍ଷେପ ନିଆଯାଉ ନ ଥିବା ନୁନୁକାପଶି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡିସେମ୍ବର ୨୦୨୪ ଠାରୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ବଇଣ୍ଡା ରାଜସ୍ୱ ବିଭାଗ ମାତ୍ର ୩ଟି ମୋରମ ଚାଲାଣ କରାଯାଇଥିବା ତହସିଲ ବିଭାଗକୁ ରିପୋର୍ଟ ଦେଇଥିବା ବଇଣ୍ଡା ରାଜସ୍ୱ ଅଧିକାରୀ ଏସ୍. ବେହେରା କହିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କିଶୋରନଗର ତହସିଲଦାର ବିକ୍ରମ ନାୟକ କହିଛନ୍ତି, ମୋରମ ଚାଲାଣ ସମ୍ପର୍କରେ ଖଣି ବିଭାଗକୁ ଅବଗତ କରାଇବୁ। ଏଥିସହ କିପରି ଚାଲାଣ ରୋକାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ।

## ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା

**କେନ୍ଦୁଝର, ୨୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ସୂଚନା ଅଧିକାର ଆଇନ-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନୟନ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଜରିଆରେ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ଉପ ଜିଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ଶତୋଲିନା ସାହୁ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କିରଣ ନାୟକ, ସହକାରୀ ଜିଲାପାଳ ସରୋଜ ମଲ୍ଲିକ, ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗଦେଇ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନରେ ଦରଖାସ୍ତ ଗ୍ରହଣ ଉତ୍ତର ପ୍ରଦାନ, ଅନ୍‌ଲାଇନରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆଦି ବିଷୟରେ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର ଅଧିବେସନରେ ଅଧିକାରୀମାନେ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରିଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କ୍ଲବ୍ ଘର ଆଗରେ ଶିଶୁ ଓ ଅଙ୍ଗନୱାଡ଼ି କର୍ମଚାରୀ।

## ଜଙ୍ଗଲ ଦିବସରେ ବୃକ୍ଷ ପୂଜନ

**ବାରିପଦା, ୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଜଙ୍ଗଲକୁ ସୁରକ୍ଷା ଓ ବୃକ୍ଷକୁ ଦେବତା ଭାବେ ପୂଜାର୍ଚ୍ଚନା କରି ବିଶ୍ୱ ବନ ଦିବସ ପାଳନ କରାଯାଇଛି । ସଂଗ୍ରାମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏଭଳି ଏକ ପ୍ରୟାସ ଅଞ୍ଚଳବାସୀଙ୍କୁ ଜଙ୍ଗଲ ସୁରକ୍ଷା ପ୍ରତି ବିମୋହିତ କରିଛି। ସଙ୍ଗଠନର ଅଧ୍ୟକ୍ଷା ସଂଯୁକ୍ତା ବସାଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ଗ୍ରାମପଞ୍ଚାୟତ ଶିକରଭଙ୍ଗା ଗ୍ରାମର ମହିଳା ପୁରୁଷଙ୍କୁ ଏକାଠି କରି ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଏହି ଦିବସ ପାଳନ କରାଯାଇଛି। ଜନ୍ମଦିନ ପାଳନ ଭଳି ଗ୍ରାମରେ ଥିବା ଏକ ଅଶ୍ୱତଥ୍ ଗଛକୁ ଫୁଲମାଳ, ବେଲୁନ ଓ ନୂଆ କପଡ଼ାରେ ସୁସଜ୍ଜିତ କରି ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ନାମ ସଙ୍କୀର୍ତ୍ତନ କରାଯାଇଥିଲା।



ବୃକ୍ଷକୁ ପୂଜାର୍ଚ୍ଚନା କରାଯାଉଛି ।

ଯୁଗେ ଯୁଗେ ଲୋକମାନେ ବିଭିନ୍ନ ପର୍ବପର୍ବାଣୀରେ ବୃକ୍ଷକୁ ପୂଜା କରିଆସୁଛନ୍ତି । ଫଳଜା କରୁଥିବା ଗଛକୁ ଲୋକେ ନିର୍ଦ୍ଦୟ ଭାବେ କାଟି ନଷ୍ଟ କରିବାର ପରିଣାମ ଆଜିର ଯୁବପିଢ଼ୀ ଭୋଗୁଛନ୍ତି। ଜଙ୍ଗଲ ମାଧ୍ୟମରେ ଲୋକେ ଜୀବନଜୀବିକା ନିର୍ବାହ କରୁଥିବା ବେଳେ ନିଷ୍ଠୁର ଲୋକେ ନିଆଁ ଲଗାଇ ପ୍ରକୃତିର ଅବଦାନକୁ ନଷ୍ଟ କରିବାରେ ଲାଗିଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ ଗ୍ରାମବାସୀଙ୍କ ସହଯୋଗ ନିତ୍ୟାନ୍ତ ଜରୁରୀ ହୋଇପଡିଛି। ଜଙ୍ଗଲକୁ ସୁରକ୍ଷିତ ନ ରଖିଲେ ଭୂତଳ ଜଳ କମିବା ସହ ବର୍ଷା ଅଭାବରୁ ବର୍ଷ ତମାମ ଚାଷ ପାଇଁ ଚାଷୀଙ୍କୁ ହଇରାଣ ହେବାକୁ ପଡ଼ିବ ବୋଲି ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ।

# ଏନ୍‌ଟିପିସି ପକ୍ଷରୁ ସହାୟକ ଉପକରଣ ବଣ୍ଟନ


ଏନ୍‌ଟିପିସି ପକ୍ଷରୁ ସହାୟକ ଉପକରଣ ପ୍ରଦାନ କରାଯାଉଛି।

ତାଳଚେର,୨୧।୩ (ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର କଣିହାଁ ପକ୍ଷରୁ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପ ଅଧୀନରେ କଣିହାଁ ବ୍ଲକର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଜୀବନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଗତ ୧୯ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ବଣ୍ଟନ ଶିବିରରେ ପ୍ରାୟ ୪୧ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ, ହ୍ୱିଲଚେୟାର, ହାତଚାଳିତ ଟ୍ରାଇ ସାଇକେଲ, ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ, ଦୃଷ୍ଟିବାଧିତ ସହାୟକ ବା ଶ୍ରବଣ ଯନ୍ତ୍ର ଏବଂ ଅନ୍ୟାନ୍ୟ ଜରୁରୀ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି ତାଳଚେର କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ସେହଗଲ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀ ଜି. ମହାକୁଲ, ଏଜିଏମ୍ (ଇଏମ୍‌ଡି ଏବଂ ଏମ୍‌ଟିପି), ମନୋରଞ୍ଜନ ପାଣିଗ୍ରାହୀ, ଏଜିଏମ୍ (ଏଚ୍‌ଆର୍) ସୁଜିତା ରଥ ଏବଂ ସିନିୟର ମ୍ୟାନେଜର(ଏଚ୍‌ଆର୍) ଜିତେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ (ଏଏଲ୍‌ଆଇ୍‌ଏମ୍‌ସିଓ)ର କର୍ମକର୍ତ୍ତା ଓ ଏଚ୍‌ଆର୍ ଏବଂ ସିଏସଆର୍‌ର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସେହଗଲ ସାମାଜିକ କଲ୍ୟାଣ ପ୍ରତି ଏନ୍‌ଟିପିସିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିବା ସହ ସହାୟକ ଉପକରଣଗୁଡ଼ିକ ହିତାଧିକାରୀଙ୍କ ଗତିଶୀଳତା, ସ୍ୱାଧୀନତା ଏବଂ ସାମଗ୍ରିକ କଲ୍ୟାଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା ପ୍ରକଟ କରିଥିଲେ। ଗତ ଫେବୃଆରୀରେ ଏନ୍‌ଟିପିସି କଣିହାଁର ସିଏସ୍‌ଆର୍ ଟିମ୍ ଦ୍ୱାରା ଏଏଲ୍‌ଆଇଏମ୍‌ସିଓ ସହଯୋଗରେ ଏକ ଭିନ୍ନକ୍ଷମ ମୂଲ୍ୟାଙ୍କନ ଶିବିର ମାଧ୍ୟମରେ ହିତାଧିକାରୀଙ୍କ ଚିହ୍ନଟ କରାଯାଇଥିଲା।

# ବନ୍ତଲା ଥାନାରେ ନୂଆ ଅଧିକାରୀ

ବନ୍ତଲା,୨୧।୩ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନାରେ ନୂତନ ଅଧିକାରୀ ଭାବେ ନଟବର ନନ୍ଦ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଥାନା ଅଧିକାରୀ ସଙ୍ଗୀତା ମହାପାତ୍ରଙ୍କ ଠାରୁ ଦାୟିତ୍ୱ ନେଇଥିଲେ। ନୂଆ ଥାନା ଅଧିକାରୀ ଯୋଗଦାନ କରିବା ପରେ ବନ୍ତଲା ବଣିକ ସଂଘ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନେତା ପହଞ୍ଚି ନୂଆ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବନ୍ତଲା ଅଞ୍ଚଳରେ ଆଇନଶୃଙ୍ଖଳା ସ୍ଥିତି ଠିକ୍ ରଖିବା, ବେଆଇନ ମଦ ବେପାର ବନ୍ଦ ଉପରେ ଗୁରୁତ୍ୱ ଦେଇ କାମ କରିବେ ବୋଲି ନୂଆ ଥାନା ଅଧିକାରୀ ନନ୍ଦ ପ୍ରକାଶ କହିଛନ୍ତି।



# ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ


ଚଢ଼ାଉ କରିଥିବା ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀମାନେ।

ତାଳଚେର,୨୧।୩ (ମନୋଜ ନନ୍ଦ)

ତାଳଚେର ରେଲୱେ ଷ୍ଟେଶନ ବଜାର ଓ ହାଣ୍ଡିଧୁଆ ଅଞ୍ଚଳରେ ଥିବା କେତୋଟି ହୋଟେଲ, ରେଷ୍ଟୁରାଣ୍ଟ, ମିଠା ଦୋକାନ ଆଦିରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଖାଦ୍ୟର ମାନ, ଓଜନ, ମାପ ଏବଂ ଗ୍ୟାସ୍ ସିଲିଣ୍ଡର ଆଦି ଯାଞ୍ଚ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ସୂଚନା ମୁତାବକ, ତାଳଚେର ଉପଜିଲାପାଳ ସମୀର କୁମାର ଜେନାଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ କଲେକ୍ଟର ପୁଷ୍ପିତା ମଧୁମତି ଦେହୁରୀ, ଖାଦ୍ୟ ସୁରକ୍ଷା ଅଧିକାରୀ ଚୋଡ଼ଗଙ୍ଗ ଦେବ କିସାନ, ସୁମିତ ସୌରଭ ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ ଲିପ୍ସାରାଣୀ ରାଉତ ପ୍ରମୁଖ ରେଲୱେ ଷ୍ଟେଶନ ବଜାର ଓ ହାଣ୍ଡିଧୁଆସ୍ଥିତ କେତୋଟି ହୋଟେଲରେ ଚଢ଼ାଉ କରି ସେଠାରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ବେଳେ ଅପମିଶ୍ରିତ ଓ ବାସି ଖାଦ୍ୟକୁ ନଷ୍ଟ କରାଯିବା ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ବ୍ୟବସାୟିକ କ୍ଷେତ୍ରରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଥିବାରୁ ତାହାକୁ ଜବତ କରାଯାଇଥିଲା।

# ମହେଶଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ

ଅନୁଗୋଳ,୨୧।୩(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ଆଦର୍ଶ ସମୂହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ମହେଶ ଧଳଙ୍କୁ ମିଳିଛି ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ, ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଡ. ଧଳଙ୍କୁ ଭୁବନେଶ୍ୱରସ୍ଥିତ ହୋଟେଲ ମେ ଫେୟାରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡି ବିଧାୟକ ଅରୁଣ ସାହୁ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପିସିସି ସଭାପତି ଭକ୍ତ ଚରଣ ଦାସ, କଟକ ମେୟର ସୁବାସ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ।


କାର୍ଯ୍ୟକ୍ରମରେ ମହେଶ ଧଳଙ୍କୁ ସମ୍ମାନିତ କରାଯାଉଛି।

# ଗଞ୍ଜେଇ ସହ ବନ୍ଧୁକ ଜବତ, ଜଣେ ଗିରଫ


ଜବତ ଗଞ୍ଜେଇ ଓ ବନ୍ଧୁକ।

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ପୋଲିସ ଗୁରୁବାର ରାତିରେ ଦମଦର ଗ୍ରାମରେ ଚଢ଼ାଉ କରି ଶମ୍ଭୁନାଥ ନାୟକଙ୍କ ଘରୁ ୧୨ କେଜି ଗଞ୍ଜେଇ ଓ ଏକ ବନ୍ଧୁକ ଜବତ କରଛି। ଏଥିସହ ତାଙ୍କୁ ଗିରଫ କରିଛି। ପୋଲିସ କହିଛି, ଶମ୍ଭୁନାଥ ରାଜ୍ୟ ବାହାରକୁ ଚାଲାଣ କରିବା ପାଇଁ ଘରେ ୧୨ କେଜି ଗଞ୍ଜେଇ ରଖିଥିବା ଖବରପାଇ କିଶୋରନଗର ଆଇଆଇସି ବିଭୂତି ପ୍ରଧାନ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଶମ୍ଭୁନାଥ ବେଆଇନ ଭାବେ ବନ୍ଧୁକ ରଖିଥିବା ଦେଖି ପୋଲିସ ଜବତ କରିଥିଲା। ଏ ନେଇ ନମ୍ବର ୮୦/୨୫ରେ ଏକ ମାମଲା ରୁଜୁ କରାଯାଇ ଶମ୍ଭୁନାଥଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

# ଆଧୁନିକ ଜ୍ଞାନକୌଶଳ, ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

ଆଠମଲ୍ଲିକ,୨୧।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ସ୍ଥିତ ଷୋଳପଦା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟସ ମହାନନ୍ଦିଆ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଆଧୁନିକ ଜ୍ଞାନ କୌଶଳ ଅର୍ଜନ ସହ ଦକ୍ଷତା ବୃଦ୍ଧି କରିପାରିଲେ ପ୍ରତ୍ୟେକ କାର୍ଯ୍ୟ ଉନ୍ନତ ମାନର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ୨ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଅଧ୍ୟାପକ ସରୋଜ ପ୍ରଧାନ, ଅଧ୍ୟାପକ ତରୁଣ ପ୍ରଧାନ, ଅଧ୍ୟାପକ ସରୋଜ କୁମାର ଦାଶ, ଟୁକୁନା ପ୍ରଧାନ, କ୍ରୀଡ଼ା ଶିକ୍ଷକ ଚକ୍ରଧର ପ୍ରଧାନ, କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଡ. କଲ୍ୟାଣୀରୂପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିଶୁ ବାଟିକାରେ କଣ୍ଢେଇ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ଶିଶୁ ବାଟିକାରେ କଣ୍ଢେଇ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହ ପ୍ରଧାନ ଆଚାର୍ଯ୍ୟ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ସାହୁ, ଅନ୍ୟତମ ଅତିଥି ଭାବେ ଗୌରୀ ଶତପଥୀ ଯୋଗଦେଇ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୨୦୦ ଛାତ୍ରୀଛାତ୍ର କଣ୍ଢେଇ ପ୍ରଦର୍ଶନ କରିଥିଲେ। ମୀନାକ୍ଷୀ ପ୍ରଧାନ, ରତ୍ନମଞ୍ଜରୀ ସାହୁ, ରୀତା ନାୟକ, ନିରୂପମା ବେହେରା ସହଯୋଗ କରିଥିଲେ।

# ମହିଳାଙ୍କୁ ମିଳିଲା ଦେଢ଼ଲକ୍ଷ ଟଙ୍କାର ବୀମା ରାଶି

ଅନୁଗୋଳ,୨୧।୩(ମାନସ ବିଶ୍ୱାଳ)

ଅନୁଗୋଳ ସହର କୁମଣ୍ଡ ଗ୍ରାମର ସ୍ୱର୍ଗତ ପ୍ରଭାତ କୁମାର ସାହୁଙ୍କ ସ୍ତ୍ରୀ ମାମା ସାହୁଙ୍କୁ ଶୁକ୍ରବାର ଦେଢ଼ଲକ୍ଷ ଟଙ୍କାର ବୀମା ରାଶି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀରାମ ଲାଇଫ ଇନ୍ସ୍ୟୁରାନ୍ସ ଅନୁଗୋଳ ଶାଖା ତରଫରୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ତୋଷିନୀ ଦେହୁରୀ, ଗ୍ରାମ ସଭାପତି ଶତ୍ରୁଘ୍ନ ପ୍ରଧାନ, ବରିଷ୍ଠ ନାଗରିକ ଧ୍ରୁବ ଚରଣ ପ୍ରଧାନ, ସାମାଜିକ କର୍ମୀ ସଞ୍ଜୟ ସାହୁ ଯୋଗଦେଇ ପ୍ରଭାତଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ମିଳିଥିବା ଅର୍ଥରାଶି ଦୈନନ୍ଦିନ ଜୀବନ ଚଳଣିରେ ସହାୟକ ହେବ ବୋଲି ମତ ରଖିଥିଲେ। ଶ୍ରୀରାମ ଲାଇଫ ଇନ୍ସ୍ୟୁରାନ୍ସ ଅନୁଗୋଳସ୍ଥିତ ବରିଷ୍ଠ ଶାଖା ପରିଚାଳକ ଲକ୍ଷ୍ମୀଧର ସାହୁ ବୀମାର ବିଶେଷତ୍ୱ ଉପରେ ଗ୍ରାମବାସୀଙ୍କୁ ଜଣାଇଥିଲେ। କର୍ମଚାରୀ କଳ୍ପନା ସାହୁ, ସୁମତି ସାହୁ ଓ ସତ୍ୟବତୀ ବେହେରାଙ୍କ ସମେତ କମ୍ପାନୀର ତରଫର ଇଏସ୍‌ଓ ରିତୁନ ପାତ୍ର, କଳ୍ପନା ସାହୁ, ବିଦ୍ୟୁଲତା ସାହୁ, ମୀନତୀ ଦେହୁରୀ, ମୀନତୀ ସାହୁ, ଅତିରିକ୍ତ ଶାଖା ପରିଚାଳକ ସୁକାନ୍ତ ସାମଲ, ବରିଷ୍ଠ ଅପରେଶନ ପରିଚାଳକ ସୁଶୀଲ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ।

# ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ମାଧବ ସାହୁଙ୍କ ବିୟୋଗରେ ଶୁକ୍ରବାର ବଇଣ୍ଡା ଛକ ପରିସରରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଉପସଭାପତି ଅରବିନ୍ଦ ସାହୁଙ୍କ ସଭାପତିତ୍ୱରେ ଭାଗୀରଥି ପ୍ରଧାନ, ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରିକ୍ଷିତ ସାହୁ, ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ଅଲେଖ ସାହୁ, ଶୁଭେନ୍ଦୁ ମୋହନ ସାହୁ, ପାପୁ ମହାପାତ୍ର, ସ୍ୱାଧୀନ ଟିବ୍ରୁୱାଲା, ଶୁକଦେବ ବେହେରା, ଗିରିଶ ବେହେରା, କମଳ ଲୋଚନ ସାହୁ, ଟୁଲୁ ସାହୁ, ଜନ୍ମେଶର ସାହୁ, ଅନିଲ ସାହୁଙ୍କ ସମେତ ବହୁ ବ୍ୟବସାୟୀ ଯୋଗ ଦେଇ ନୀରବ ପ୍ରଥନା କରିଥିଲେ।


ଶୋକସଭାରେ ଯୋଗ ଦେଇଥିବା ବ୍ୟବସାୟୀମାନେ।

# ପ୍ରାଥମିକ ଶିକ୍ଷା ମଜଭୁତ ଉପରେ ଗୁରୁତ୍ୱ

ବଇଣ୍ଡା,୨୧।୩(ପରିକ୍ଷିତ ସାହୁ)

ପ୍ରାଥମିକସ୍ତରରୁ ଶିକ୍ଷାକୁ ମଜଭୁତ କରିବା ଦିଗରେ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଇଣ୍ଟେଲିଜେଣ୍ଟ୍ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ନିର୍ଦ୍ଦେଶକ ସୁନୀଲ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷୀରେନ୍ଦ୍ର ମୋହନ ଦେହୁରୀ, କିଶୋରଚନ୍ଦ୍ର ବିଶ୍ୱାଳ, ବିଦ୍ୟାଳୟ ସଭାପତି ମନ୍ଦାକିନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରିୟଙ୍କା ସାମଲ ପରିଚାଳନା କରିଥିବାବେଳେ ଲୁସି ପ୍ରଧାନ, ସୁପ୍ରୀତା ପ୍ରଧାନ, ଦେବାଶିଷ ରାଉଳ, ଗୀତାଞ୍ଜଳି ଦେହୁରୀ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁମିତ୍ରା କାନ୍ଧିଆ ପ୍ରମୁଖ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ବଇଣ୍ଡା ନିକଟରେ ଇଣ୍ଡଷ୍ଟ୍ରିଆଲ ପାର୍କ ନେଇ ବିଧାୟକଙ୍କ ପ୍ରଶ୍ନ

ବଇଣ୍ଡା,୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ନିକଟରେ ହେବାକୁ ଥିବା ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ ସମ୍ପର୍କରେ ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ବିଧାୟକ ପ୍ରଶ୍ନ କରିଥିଲେ, ବଇଣ୍ଡା ନିକଟରେ ହେବାକୁ ଥିବା ଇଣ୍ଡଷ୍ଟ୍ରିଆଲ ପାର୍କ କେବେ କାର୍ଯ୍ୟକ୍ଷମ ହେବ। ଏହି କାମ କେବେ ଠାରୁ ଆରମ୍ଭ ହେବ। ଏହି ଅଞ୍ଚଳରେ ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ ହେଲେ ଆଖପାଖ ଅଞ୍ଚଳର ବିକାଶ ହୋଇପାରିବ। ଉତ୍ତରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, କିଶୋରନଗର ତହସିଲ ଅଧୀନରେ ଥିବା ବଇଣ୍ଡା ନିକଟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପଡ଼ିଆ, ବନ୍ଧୁପାଲି, ଧନୁଖୋଲା, ଧାରୁଆଗୋଠ ମୌଜାରେ ଇଡ୍‌କୋ ପକ୍ଷରୁ ଏସି ୧୬୨.୦୨୦ ଜମି ଚିହ୍ନଟ କରାଯାଇ କିଶୋରନଗର ତହସିଲଦାରଙ୍କ ନିକଟରେ ମଞ୍ଜୁରୀ ନିମନ୍ତେ ଆବେଦନ କରାଯାଇଛି।



# କାଣ୍ଡଶର ଗ୍ରାମରେ ପଞ୍ଚୁଦୋଳ ଯାତ୍ରା


ଦୋଳଯାତ୍ରା ଅବସରରେ ଲଉଡ଼ି ଖେଳ ପ୍ରଦର୍ଶନ କରାଯାଉଛି।

ବଅଁରପାଳ,୨୧।୩(ସୁବାସ ସାହୁ)

ବଅଁରପାଳ ବ୍ଲକ କାଣ୍ଡଶର ଗ୍ରାମରେ ପଞ୍ଚୁଦୋଳ ଯାତ୍ରା ପାଳିତ ହୋଇଯାଇଛି। ପାରମ୍ପରିକ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରାଧାକୃଷ୍ଣଙ୍କ ବିଗ୍ରହଙ୍କୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପୂଜକ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶାକସିଂଗା ଓ କାଣ୍ଡଶର ରଗୁଡ଼ି ସାହିର ଲଉଡି ସମାଜ, ଶିଙ୍ଗବାଦ୍ୟ, ସଂକୀର୍ତ୍ତନ ଦଳ ଓ ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ପରେ ଠାକୁରଙ୍କୁ ମେଳଣ ପଡିଆସ୍ଥ ମଣ୍ଡପରେ ବିଜେ କରାଯାଇଥିଲା। ଏହି ଅବସରରେ ମେଳଣ ପଡିଆରେ ବିଭିନ୍ନ ଦୋକାନ ବଜାର ଓ ସୋଲୋଡା ଗ୍ରାମର ଦଣ୍ଡନୃତ୍ୟ ହୋଇଥିଲା। ପୂଜାକମିଟି ସଭାପତି ଗୋପାଳ ପ୍ରଧାନ, ଉପସଭାପତି ମନୋଜ ସାହୁ, ସମ୍ପାଦକ ମିଥୁନ ସାହୁ, ମ୍ୟାନେଜର କ୍ଷୀରୋଦ ସାହୁ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଯାତ୍ରା ଆୟୋଜିତ ହୋଇଥିଲା। ଗ୍ରାମର ରିଙ୍କୁ ସାହୁ, ଚନ୍ଦ୍ରଶେଖର ଜେନା, ଜିତେନ୍ଦ୍ର ସାହୁ, ଆକାଶ ସାହୁ, ରାକେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଛକ ଅଞ୍ଚଳରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିଲା। ନାଲ୍‌କୋ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ତୁରୁଡ଼ା ଗ୍ରାମରେ ଦୋଳଯାତ୍ରା

ବଇଣ୍ଡା,୨୧।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ଗୁରୁବାର ଛ ଦୋଳଯାତ୍ରା ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ଯାତ୍ରାରେ ପ୍ରଭୁ ରାଧାକୃଷ୍ଣଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଯାତ୍ରା ପଡ଼ିଆଠାରେ ରୀତିନୀତି ଅନୁସାରେ ପୂଜା କରାଯାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଏଥିସହ ପ୍ରଭୁ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଯାଇଥିଲା। ଗ୍ରାମ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯିବା ସହ ଯାତ୍ରା ପଡ଼ିଆକୁ ଠାକୁରଙ୍କୁ ଅଣାଯିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଲଉଡ଼ିଖେଳ, ଘଣ୍ଟବାଦ୍ୟ ପରିବେଷଣ କରାଯାଇଥିଲା। ସନାତନ ସାହୁ, ବରୁଣ ସାହୁ, ପ୍ରଫୁଲ୍ଲ ସାହୁ, ବୁଦ୍ଧଦେବ ପ୍ରଧାନ, ଗୋକୁଳା ନନ୍ଦ ସାହୁ, ଇନ୍ଦ୍ରମଣି ଆଚାର୍ଯ୍ୟଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

